ସେଶାନ ଏବଂ ଅନ୍ୟମାନେ

ବନାମ

ସ୍ୱତନ୍ତ୍ର ତହସିଲଦାର ଏବଂ ଭୂମି ଅଧିଗ୍ରହଣ ଅଧିକାରୀ ସିପ୍କୋଟ୍, ପୁଡୁକୋଟ୍ଟାଇ

ଜାନୁଆରୀ 30, 1996

[କେ. ରାମସ୍ୱାମୀ, ଏସ୍. ଏସ୍. ସାଘିର ଅହମ୍ମଦ

ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତି]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 23(2), 34- 1984 ର ସଂଶୋଧନ ଅଧିନିୟମ 68 ର ପ୍ରବର୍ତ୍ତନ ପରେ ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟ -ତେଣୁ ଦାବିଦାରମାନେ ଦଖଲ ଗ୍ରହଣ କରିବା ତାରିଖ ଠାରୁ ଅଧିନିର୍ଣ୍ଣୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ 9 ପ୍ରତିଶତ ସୁଧ ପାଇବାକୁ ହକଦାର- ଏକ ବର୍ଷର ଅବଧି ଶେଷ ହେବା ପରେ ଏବଂ ବର୍ଦ୍ଧିତ କ୍ଷତିପୂରଣ ଉପରେ ବାର୍ଷିକ 15 ପ୍ରତିଶତ ସୁଧ ପାଇବାକୁ ମଧ୍ୟ ହକଦାର, - ଦାବିଦାରମାନେ ଅତିରିକ୍ତ ରାଶି ଉପରେ ବାର୍ଷିକ 30 ପ୍ରତିଶତ ହିସାବରେ କ୍ଷତିପୂରଣ ପାଇବାକୁ ମଧ୍ୟ ହକଦାର ।*

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 2938/1996

ଏ.ଏସ୍. ସଂଖ୍ୟା 572/1985 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ତା 9.8.89 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଭି. ବାଲଚନ୍ଦ୍ରନ ।

ପ୍ରତିବାଦୀଙ୍କ ପକ୍ଷରୁ ଏ. ମାରିୟାରପୁଥମ ଏବଂ ଶ୍ରୀମତୀ ଅରୁଣା ମାଥୁର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଆମ୍ଭେ ଉଭୟ ପକ୍ଷର ଶ୍ରୀମାନ ଓକିଲମାନଙ୍କୁ ଶୁଣିଲୁ ।

ଭୂମି ଅଧିଗ୍ରହଣ ଅଧିନିୟମର ଧାରା 4(1) ଅଧୀନରେ ବିଜ୍ଞପ୍ତି 17 ଅକ୍ଟୋବର, 1981 ଦିନ ପ୍ରକାଶିତ ହୋଇଥିଲା । ଜାନୁଆରୀ 1982 ରେ ଏହି ଜମିର ଦଖଲ ନିଆଯାଇଥିଲା । ଭୂମି ଅଧିଗ୍ରହଣ ଅଧିକାରୀ ତା 31 ଜୁଲାଇ 1982 ରିଖରେ ତାଙ୍କ ଅଧିନିର୍ଣ୍ଣୟରେ ପ୍ରତି ଏକର ପିଛା 2000 ଟଙ୍କା କ୍ଷତିପୂରଣ ସ୍ଥିର କରିଥିଲେ । ବିଚାରାର୍ଥେ ପ୍ରେରଣ କରିବାରେ, ଦେୱାନୀ ନ୍ୟାୟାଳୟ 7 ନଭେମ୍ବର 1983 ରେ ଅଧିନିର୍ଣ୍ଣୟ ଏବଂ ଡିକ୍ରି ଦ୍ୱାରା କ୍ଷତିପୂରଣକୁ ପ୍ରତି ଏକର ପିଛା 4, 000 ଟଙ୍କାକୁ ବୃଦ୍ଧି କରିଥିଲେ । ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ ତା 9 ଅଗଷ୍ଟ, 1989 ରିଖର ରାୟ ତଥା ଡିକ୍ରି ଦ୍ୱାରା କ୍ଷତିପୂରଣକୁ ଏକର ପିଛା 6, 000 ଟଙ୍କାକୁ ବୃଦ୍ଧି କରିଥିଲେ ଏବଂ ରାଜ୍ୟ ସଂଶୋଧନ ଅନୁସାରେ ଅଣ-ସଂଶୋଧିତ ଅଧିନିୟମ ଅଧୀନରେ ସୁଧ ପ୍ରଦାନ କରିଥିଲେ, ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ କରାଯାଇଥିଲା ।

1984 ର ସଂଶୋଧନ ଆଇନ 68 ସଂସଦରେ ପ୍ରବର୍ତ୍ତନ ହେବା ପରେ, ଅର୍ଥାତ୍ 31 ଜୁଲାଇ 1982 ରେ ଭୂମି ଅଧିଗ୍ରହଣ ଅଧିକାରୀ ଏହି ଅଧିନିର୍ଣ୍ଣୟ ପ୍ରଦାନ କରିଥିବାରୁ, ଦାବିଦାରମାନେ ଦଖଲ ନେବା ତାରିଖରୁ ନ୍ୟାୟାଳୟରେ ଦେୟ କିମ୍ବା ଜମା ତାରିଖ ପର୍ଯ୍ୟନ୍ତ ଧାରା 34 ଅଧୀନରେ ବାର୍ଷିକ 9 % ହାରରେ ସୁଧ ପାଇବାକୁ

ହକଦାର । ଏକ ବର୍ଷର ଅବଧି ଶେଷ ହେବା ପରେ କ୍ଷତିପୂରଣ ପ୍ରଦାନ କିମ୍ବା ଜମା କରାଯାଇନଥିବା ଉପରେ ସେମାନେ 15 ପ୍ରତିଶତ ସୁଧ ପାଇବାକୁ ହକଦାର । ସମ ଭାବରେ ବର୍ଦ୍ଧିତ କ୍ଷତିପୂରଣ ଉପରେ ସମ୍ପୃକ୍ତ ତାରିଖ ଠାରୁ ନ୍ୟାୟାଳୟରେ ଜମା ତାରିଖ ପର୍ଯ୍ୟନ୍ତ । ସମ ଭାବରେ, ଧାରା 23(2) ଅଧୀନରେ ବଜାର ମୂଲ୍ୟ ଉପରେ 30 ପ୍ରତିଶତ ମୂଲ୍ୟର କ୍ଷତିପୂରଣ ଜମା କରିବା ଆବଶ୍ୟକ ।

ତଦନୁସାରେ ଆବେଦନକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**